# ପ୍ରେମ ବାହିନୀ



ଭଗବାନ ଶ୍ରୀ ସତ୍ୟସାଇ ବାବା

Scanned by TapScanner

## ଜୀବନର କର୍ତ୍ତବ୍ୟ

ନୀତିମୟ ଜୀବନ ଏବଂ କର୍ତ୍ତବ୍ୟପରାୟଣତା ଦ୍ୱାରା ହୃଦୟର କଳଙ୍କଗୁଡ଼ିକ ସଫା କରିଦେବାକୁ ହେବ । ଜୀବନରେ ହୁଏତ ଏମିତି ଏକ ବେଳ ଆସିପାରେ, ଯେତେବେଳେ ତୁମେ କ୍ଳାନ୍ତ, ଶ୍ରାନ୍ତ ଓ ଦୁର୍ବଳ ବୋଧ କରିବ । ସେତେବେଳେ ଈଶ୍ୱରଙ୍କୁ ଏହିପରି ଭାବରେ ପ୍ରାର୍ଥନା କର, "ହେ ପ୍ରଭୁ, ଜୀବନର ଘଟଣାଗୁଡ଼ିକ ଏବେ ମୋ ଶକ୍ତି ଓ ସାମର୍ଥ୍ୟ ବାହାରେ । ସେଗୁଡ଼ିକୁ କରଗତ କରିବାର ଉଦ୍ୟମ ମୋ ପକ୍ଷରେ ଅତି ଯନ୍ତ୍ରଣାଦାୟକ ବୋଧ ହେଉଛି, କୃପାକରି ମୋତେ ଶକ୍ତି ଦିଅ ପ୍ରଭୁ ।"

Scanned by TapScanner

ପ୍ରଥମେ ଭଗବାନ ମଣିଷର ଉଦ୍ୟମ ଉପରେ ଆଖି ରଖି ଦୂରେଇ ଠିଆ ହୋଇଥାନ୍ତି - ଠିକ୍ ଯେମିତି ପିଲାଟି ପ୍ରଶ୍ନୋତ୍ତର ଲେଖୁଥିଲାବେଳେ ଶିକ୍ଷକ ଦୂରରେ ଠିଆ ହୋଇ ନୀରବରେ ଚାହିଁ ରହିଥାନ୍ତି । ତା'ପରେ ମଣିଷ ଯେତେବେଳେ ଭୋଗ ପ୍ରତି ଆସକ୍ତି ପରିହାର କରି ଉତ୍ତମ କର୍ମରେ ରତ ଓ ସେବାପରାୟଣ ହୁଏ, ଭଗବାନ ସେତେବେଳେ ତା'ର ଅତି ପାଖକୁ ଚାଲି ଆସନ୍ତି । ରୁଦ୍ଧଦ୍ୱାର ବାହାରେ ଅପେକ୍ଷା କରିଥିବା ସୂର୍ଯ୍ୟାଲୋକ ପରି ଈଶ୍ୱର ଅପେକ୍ଷା କରିଥାନ୍ତି । ସେ ପ୍ରଭୁର ଅଧିକାର ଓ ନିଜର ଆଚରଣ ସୀମା ବିଷୟରେ ସଚେତନ ଥିବା ଗୋଟିଏ ଭୃତ୍ୟ ପରି । ଭଗବାନ କବାଟରେ ଆଘାତ କରି ନିଜର ଉପସ୍ଥିତି ଘୋଷଣା କରନ୍ତି ନାହିଁ, ବାହାରେ ଚୁପ୍‌ଚାପ୍ ଅପେକ୍ଷା କରିଥାଆନ୍ତି । ସେତେବେଳେ ରୁଦ୍ଧଦ୍ୱାର ସାମାନ୍ୟ ମାତ୍ର ଖୋଲିଯାଏ, ବାହାରେ ଥିବା ସୂର୍ଯ୍ୟାଲୋକ ତତ୍‌କ୍ଷଣାତ୍ ଘର ଭିତରେ ପଶି ଅନ୍ଧକାରକୁ ତଡ଼ିଦିଏ । ସେହିପରି ମଣିଷ ଯେତେବେଳେ ପରମେଶ୍ୱରଙ୍କର ସାହାଯ୍ୟ ପ୍ରାର୍ଥନା କରେ, ସେ ସଙ୍ଗେ ସଙ୍ଗେ ହାତ ବଢ଼ାଇ ସାହାଯ୍ୟ କରିବାକୁ ମଣିଷ ପାଖରେ ଆସି ଉପସ୍ଥିତ ହୋଇଯାଆନ୍ତି । ତେଣୁ ଈଶ୍ୱରଙ୍କୁ ପ୍ରାର୍ଥନା କରିବାର ବିବେକ ଓ ତାଙ୍କୁ ସର୍ବଦା ସ୍ମରଣ ରଖିବାର ଜ୍ଞାନ ହିଁ ଭଗବାନ ମଣିଷ ପାଖରୁ ଆଶା କରନ୍ତି ।

Scanned by TapScanner